# Akashvani, Sambalpur

## SAMBALPURI NEWS EVENING BULLETIN

## 14 September 2026-7.02- 7.12 pm.

---

୧- ସାରା ରାଏଜେ ଆଏଜ୍ ଉସତ୍ ଉସ୍‌ନାକିଥି ପାଲିତ୍ ହେଉଛେ ଗଣେଶ୍ ପୂଜା ।

୨- ପ୍ରଧାନ୍‌ମନ୍ତ୍ରୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ସାରା ରାଏଜେ କରାଯିବା ଆର୍ଶିର୍ବାଦ୍‌ର ଦୀପ କାର୍ଯ୍ୟକ୍ରମ୍ -କହେଲେ ମୁଖ୍ୟମନ୍ତ୍ରୀ ।

୩- ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍‌ବାର୍ ଦିଗେ ହିନ୍ଦୀ ଭାଷାକେ ଜହକରି ବେଭାର୍ କର୍‌ବାର୍‌କେ ପରାମର୍ଶ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଆଉର୍

୪- ସଖାଲ୍‌ପାଏଲେ ଗଣପର୍ବ ନୂଆଖାଇ । ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ହେଇଛେ ଗହଲ୍‌ଚହଲ୍ ।

ଗଣେଶ ପୂଜା          ଆର୍‌ଏନ୍‌ୟୁ

ସମ୍ବଲପୁର୍/ ଦେବ୍‌ଗଡ଼୍/ ସୁବର୍ଣ୍ଣପୁର/ ନୂଆପଡ଼ା/ ବୌଦ୍ଧ ସମ୍ବାଦଦାତା

ଆଏଜ୍ ହେଉଛେ ଭୁଦୋ ମାସର୍ ଉଜଲ୍‌ପଖର୍ ଚତୁର୍ଥୀ, ଅଗ୍ରପୂଜ୍ୟ  ବିଘ୍ନ ବିନାଶକ ଗଣେଶ୍ ମାହାପୁରୁଙ୍କର୍ ପୂଜା । ଗଣେଶ୍ ପୂଜା ଉତ୍‌ରୁ ବଛର୍ ଯାକର୍ ଧାର୍ମିକ୍ ଉତ୍ସବ୍, ଯଜ୍ଞ ପୂଜା ଆର୍ ଶୁଭ୍ କାମ୍ ହେସି । ରାଜ୍ୟର୍ ଗାଁ ସହର୍ ସବୁନ ଆର୍ ସ୍କୁଲ୍ କଲେଜ୍‌ଥି ଗଣେଶ୍ ପୂଜା କରାଯାଇଛେ । ଦେଶର୍ ଭିନ୍ ଭିନ୍ ଜାଗା ଭିଲ୍ ଆଏଜ୍‌ଠାନୁ ୧୧ ଦିନିଆ ଗଣେଶପୂଜା ମୂଲ୍ ହେଇଛେ । ମହାରାଷ୍ଟ୍ରନ ଗଣେଶ ପୂଜାକେ ଗୁଟେ ବଡ଼ ପରବ ଭାବେ ମନାଯାଏସି ।

ଗଣେଶ୍ ଚଉଠି ଅବ୍‌ସରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀ ଗଣେଶ୍ ଚଉଠି ଅବ୍‌ସରେ ସମ୍‌କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ପୋଷ୍ଟ୍ କରିକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍, ବୁଦ୍ଧି, ବିବେକ୍, ସମୃଦ୍ଧି ଆଉ ଶୁଭାରମ୍ଭର ପ୍ରତୀକ୍ ଆନ୍ ଶ୍ରୀ ଗଣେଶ୍ । ଇ ପର୍ବ ଜୀବନ୍‌ଥି ଶକ୍ତି, ଜ୍ଞାନ୍ ଆଉ ସକାରାତ୍ମକ୍ ଚିନ୍ତାଧାରା ଭର୍‌ବାର୍ ସହେତେ ନୂଆଁ ସଂକଳ୍ପ ନେଇକରି ପ୍ରଗତିର୍ ରାହାଥି ଆଗ୍‌କେ ବଢ଼୍‌ବାର୍ ଲାଗି

ପ୍ରେରଣା ଦେସି । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ପର୍ବ ଅବ୍‌ସରେ ସମ୍‌କର୍ ଜୀବନ୍‌ଥି ନୂଆଁ ଶକ୍ତି ଆଉ ଉତ୍ସାହ ଭରିଯାଉ ବଲି କାମ୍‌ନା କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଣେଶ୍ ଚଉଠି ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ବିଘ୍ନରାଜ୍ ପ୍ରଭୁ ଶ୍ରୀ ଗଣେଶଙ୍କର୍ ଆଶୀର୍ବାଦ୍ ନୁ ଓଡ଼ିଶାର୍ ପ୍ରଗତିର୍ ରାହା ଆହୁରି ସୁଗମ୍ ହେବାର୍ ସହେତେ ସମ୍‌କର୍ ଜୀବନ୍ ସୁଖ୍ ଶାନ୍ତି, ସମୃଦ୍ଧି ଆଉ ସଫଲତାଥି ଭରିଯାଉ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଗଣେଶ୍ ପୂଜା ଉସତ୍ ଉସ୍‌ନାକି ସହେତେ ପାଲନ୍ କରାଯାଇଛେ ।

ଦେବ୍‌ଗଡ଼୍ ନ ଆଏଜ୍‌ଠାନୁ ୧୦ ଦିନିଆ ଗଣେଶ୍‌ମେଲା ମୁଲ୍ ହେଇଛେ । ଦେବ୍‌ଗଡ଼୍ ଗଣେଶ୍ ପୂଜା କମିଟି ତର୍‌ଫୁ ପ୍ରଧାନ୍‌ପାଟ୍ ନ ଥିବା ମା ପ୍ରଧାନ୍ ପାଟେଶ୍ୱରୀଙ୍କର୍ ପୀଠ ନ ପୂଜା ଉତ୍‌ରୁ ପ୍ରଧାନ୍‌ପାଟ୍ ନୁ ଗୁଟେ କଲସ୍ ଶୋଭାଯାତ୍ରା ବାହାରିକରି ପୂଜା ମଣ୍ଡପ୍ ନ ଥାପ୍‌ନା କରାଯାଇଛେ । ଗଣେଶ୍ ମେଲା ଲାଗି ସାରା ଦେବ୍‌ଗଡ଼୍ ସହର୍‌କେ ରକମ୍ ରକମ୍‌ର ଆଲୋକମାଲା ଆର୍

ତୋରଣ୍‌ଥି ସଜାଯାଇଛେ । ପୂଜା କମିଟି ତର୍‌ଫୁ ଭକ୍ତମାନ୍‌କର୍ ଲାଗି ଅନ୍ନଭୋଗ୍‌ର ବ୍ୟବସ୍ଥା ହେଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ଶିକ୍ଷାନୁଷ୍ଠାନ୍ ଆର୍ ପଢ଼ା ପାଟ୍‌କେ ଭିନ୍ ଭିନ୍ ଜାଗା ନ ଅଗ୍ରପୂଜ୍ୟଙ୍କୁ ଥାପ୍‌ନା କରିକରି ପୂଜାର୍ଚ୍ଚନା ହେଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଉସତ୍ ଉସ୍‌ନାକିଥି ଗଣେଶ୍ ପୂଜା ପାଲନ୍ କରାଯାଉଛେ । ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସୁସଜ୍ଜିତ୍ ପୂଜା ମଣ୍ଡପ୍ ମାନ୍‌କେ ଅଗ୍ରପୂଜ୍ୟଙ୍କର୍ ପାରମ୍ପରିକ୍ ପୂଜା ଆରାଧନା କରାଯାଇଛେ ।

ନୂଆପଡ଼ା ଜିଲ୍ଲାର୍ ଗାଁ ନୁ ସହର୍‌ତକ୍ ଗଣେଶ୍ ଚତୁର୍ଥୀ ଖୋବ୍ ଉସ୍‌ନାକିଥି ପାଲନ୍ କରାଯାଉଛେ । ଜିଲ୍ଲାର୍ ସବୁ ଶିକ୍ଷାନୁଷ୍ଠାନ୍ ସର୍‌କାରୀ, ବେସର୍‌କାରୀ ଅନୁଷ୍ଠାନ୍ ଆଉ କୋର୍ଟ କଚ୍‌ରୀ ନ ଗଜାନନଙ୍କର୍ ପୂଜା କରାଯାଇଛେ ।

ବୌଦ୍ଧ ଜିଲ୍ଲା ଗଣେଶଙ୍କର୍ ପୂଜାର୍ ଲାଗି ଉତ୍ସବ୍ ମୁଖର୍ ହେଇଛେ । ଜିଲ୍ଲାର୍ ବହୁତ୍‌ଟେ ପୂଜା ମଣ୍ଡପ୍ ନ ଆନନ୍ଦ, ଉଲ୍ଲାସ୍ ଥି ଗଣେଶ୍‌ଙ୍କର୍ ପୂଜା କରାଯାଇଛେ ।

ସେବା ସଂକଳ୍ପ ଅଭିଯାନ-ମୁଖ୍ୟମନ୍ତ୍ରୀ ହି.ସ.

ଆଏବା ୧୭ ତାରିଖ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ମାସେ ତକ୍ ସେବା ସଂକଳ୍ପ ଅଭିଯାନ୍ ମୁଲ୍ ହେବା । ଇ ଅଭିଯାନ୍‌ଥି ସେବା ଜ୍ୟୋତି ଯାତ୍ରା, ନମୋ ସେବା ଗାଥା, ସ୍ୱପ୍ନର ଭାରତ୍ କାର୍ଯ୍ୟକ୍ରମ୍ ହେବା । ଇ ଅବ୍‌ସରେ ବିକଶିତ୍ ଭାରତ୍ ସଂକଳ୍ପ ଯାତ୍ରା, ବୃକ୍ଷରୋପଣ୍ ଆଉ ରକ୍ତଦାନ୍ ଶିବିର୍ ଭିଲ୍ କରାଯିବା । ଓଡ଼ିଶା ନ ଆଶିର୍ବାଦ୍‌ର ଦୀପ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଲାଗି ଦୀପ୍ ଜଲାବାର୍‌କେ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିବେଦନ୍ କରିଛନ୍ । ସଖାଲେ ନାହେତ ବେଲ୍‌ବୁଡ଼େ ନିଜର୍ ଘର୍, ମନ୍ଦିର୍ ନ ଦୀପ୍ ଜଲେଇକରି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସୁସ୍ଥ ଆଉ ଲମ୍ବା ଜୀବନ୍‌ର ପ୍ରାର୍ଥନା କର୍‌ବାର୍ ସହେତେ ଫଟୋ ଆଉ ଭିଡ଼ିଓକେ ସାମାଜିକ୍ ଗଣମାଧମ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଅନୁରୋଧ୍ କରିଛନ୍ ।

ହିନ୍ଦୀ ଦିବସ୍          ଆର୍ଏନ୍ୟୁ ସମ୍ବଲପୁର

ସାରା ଦେଶେ ଆଏଜ୍ ହିନ୍ଦୀ ଦିବସ୍ ପାଲନ୍ କରାଯାଉଛେ । ସମ୍ବିଧାନ୍ ସଭା ନ ୧୯୪୯ ମସିହାର୍ ଆଝିର୍ ଦିନେ ଦେବ୍ନାଗ୍ରୀ ଲିପିଥି଼ ଲେଖା ହେଇଥି଼ବା ହିନ୍ଦୀକେ ସର୍କାରୀ ଭାଷା ଭାବେ ଗ୍ରହଣ୍ କରାହେଇଥି଼ଲା । ପୁର୍ଥି଼ର୍ ପାଖାପାଖି଼ ୫୨ କୋଟି ନୁ ଅଏତ୍କା ଲୋକ୍ ହିନ୍ଦୀ ଭାଷାର୍ ବେଭାର୍ କରୁଛନ୍ । ପୁର୍ଥି଼ର୍ ଶହେ ୭୫ ଟା ବିଶ୍ୱବିଦ୍ୟାଳୟ ନ ହିନ୍ଦୀ ଭାଷାଥି଼ ପାଠପଢ଼ା ହେଉଛେ ।

ଭାରତ୍ ନ ବହୁତ୍ ଭାଷାର୍ ବେଭାର୍ ଦେଶର୍ ସବୁନୁ ବଡ଼୍ ଶକ୍ତି ଆଏ ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ । ଆଏଜ୍ ହିନ୍ଦୀ ଦିବସ୍ ଅବ୍ସରେ ଗୁଟେ ଭିଡ଼ିଓ ବାର୍ତା ଜରିଏ ମନ୍ତ୍ରୀ ଶ୍ରୀ ଶାହା କହିଛନ୍, ହିନ୍ଦୀ ଭାଷା, ଅଲ୍ଗା କେନ୍ସି ଭାଷାର୍ ପ୍ରତିଦ୍ୱନ୍ଦୀ ନୁହେଁ । ଇଟା ରାଷ୍ଟ୍ରୀୟ ଏକତା ବଢ଼ାବାର୍ ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି଼ ହିନ୍ଦୀ ଆଉ ଅଲ୍ଗା ସବୁ ଭାଷାମାନ୍କର୍ କୌଶଲ୍ଗତ ବିକାଶ୍ କରାଯାଉଛେ ବଲି ଶ୍ରୀ ଶାହା କହିଛନ୍ । ଇହାଦେର୍ ସମିଆଥି଼ କୃତ୍ରିମ ବୁଦ୍ଧିମତା ଜରିଏ ଭାରତୀୟ ଭାଷା ମାନ୍କର୍ ଅତି ସହଜ୍ଥି଼ ଅନୁବାଦ୍ କରାଯିବାର୍ ଲାଗି ସୁଯୋଗ୍ ମିଳିଛେ । ଜାତୀୟ ସଂଗୀତ୍ ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ଅବ୍ସରେ ୨୦୪୭

ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍ବାର୍ ଦିଗେ ଭାଷାକେ ଜହକରି ବେଭାର୍ କର୍ବାର୍ ଲାଗି ଶ୍ରୀ ଶାହା ଦେଶ୍ବାସୀଙ୍କୁ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ଅମିତ୍ ଶାହା)

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ହିନ୍ଦୀ ଦିବସ୍ ଅବ୍ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଓମ୍ଫେଡ୍      ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ପ୍ରମୁଖ ଦୁଗ୍ଧ କମ୍ପାନୀ ଓମ୍ଫେଡ୍ ଏତ୍କର ଆଇସ୍କ୍ରିମ୍ ଆର୍ ପାଏନ୍ ବଜାର୍କେ ଛାଡ଼୍ବା । ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଇ ବାବ୍ଦେ ସୂଚ୍ନା ଦେଇଛନ୍ । ଓମ୍ଫେଡ୍ ବୋର୍ଡ଼ର ଅନୁମୋଦନ୍ ଉତ୍ରୁ ଆଇସ୍କ୍ରିମ୍ ଆର୍ ପାଏନ୍କେ ବଜାର୍କେ ଛଡ଼ାଯିବା । ଇତାର୍ଜରିଏ ଓମ୍ଫେଡ୍ର ଜିନିଷ୍ର ପରିସର୍ ଆହୁରି ବ୍ୟାପକ୍ ହେବାର୍ ସହେତେ ଓଡ଼ିଶାର୍ ଉପଭୋକ୍ତାମାନ୍କର୍ ଲାଗି ନୂଆଁ ବିକଳ୍ପ ମିଲିପାର୍ବା ।

ନୂଆଖାଇ       ସମ୍ବଲପୁର ସମ୍ବାଦଦାତା

ସଖାଲ୍ ପାଏଲେ କୃଷିଭିତିକ୍ ଗଣପର୍ବ ନୂଆଖାଇ । ହେଥିର୍‌ଲାଗି ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି, ବୌଦ୍ଧ, ଝାର୍‌ସୁଗୁଡ଼ା ସହେତେ ସାରା ପର୍ଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ଗହଲ୍ ଚହଲ୍ ହେଇଛେ । ନିଜର୍ ପରିବାର୍ ଲୁକ୍‌କର୍ ସାଙ୍ଗେ ନୂଆ ଖାଏବାର୍‌କେ ବାହାରେ କାମ୍‌ଧାମ୍ ଆର୍ ପାଠ୍ ପଢୁଥିବା ଲୁକେ ଘର୍‌ମାନ୍‌କୁ ପୁହୁଁଚିଛନ୍ । ଇ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍-ସୁପ୍ରିତି ମିଶ୍ର)

*ନୂଆଖାଇ ଲାଗି ଘରୁ ନେଇକରି ବଜାର୍ ହାଟ୍ ତକ୍ ଜବର୍ ଉସ୍‌ନାକି ଦେଖିବାର୍‌କେ ମିଲିଛେ । ଆଏଜ୍ ଜାଗା ଜାଗା ନୂଆଖାଇ ହାଟ୍ ବସିଛେ । ସେଆଡ଼େ ଗାଁମାନ୍‌କୁ ଝାଁକର୍‌ମାନେ ଲୋକ୍‌ମାନ୍‌କର୍ ଘରେ ପୁହୁଁଚିକରି ନୂଆଁ ଧାନ୍ ଖେଡ଼୍ ଦେଇଛନ୍ ।*

*ଆଏବା କାଏଲ୍ ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥିଥି  ନିଜର୍ ନିଜର୍ ଇଲାକାର୍ ଦେ ଦେବ୍‌ତାଙ୍କର୍ ରାଶି ଅନ୍‌ସାରେ ଧାରିଜ୍ ଲଗନ୍‌ଥି ଦେ ଦେବ୍‌ତାଙ୍କୁ ନୂଆଁ ଲଗାଲା ଉତ୍‌ରୁ*

*ଲୁକେ ନିଜର୍ ଘରେ ନୂଆ ଖାଏବେ । ସମ୍ବଲ୍‌ପୁର୍ ନ ଇଷ୍ଟଦେବୀ ମା ସମଲେଇଙ୍କର୍ ଠାନେ ନୂଆଖାଇ ଲାଗି ସବୁ ପ୍ରକାରର୍ ପ୍ରସ୍ତୁତି ସରିଛେ । ମା'ଙ୍କର୍ ଅଲଙ୍କାର୍ ସଫେଇ କାମ୍ ସରିଥିବାର୍ ବେଲେ ସରିଆ ଧାନ୍ ମନ୍ଦିର୍ ନ ପୁହୁଁଚି ସାରିଛେ । ପୂଜକ୍ ମାନ୍‌କର୍ ଘରେ ପ୍ରସ୍ତୁତି ଚାଲିଥିବାର୍ ବେଲେ ଘରେ ଘରେ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ନ ସଖାଲର୍ ୯ ବାଜିକରି ୪୦ ମିନିଟ୍‌ନୁ ୯ ବାଜିକରି ୫୪ ମିନିଟ୍ ଭିତ୍‌ରେ ନବାନ୍ନ ଲାଗି ହେବା । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦଉଛନ୍ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା....*

*(ଭଏସ୍ ଓଭର୍-ଗୁଣମଣି ବିଶ୍ୱାଲ୍)*

*କଲାହାଣ୍ଡିର୍ ମାଣିକେଶ୍ୱରୀ, ଜୁନାଗଡ୍‌ର ଲଙ୍କେଶ୍ୱରୀ, ବଲାଙ୍ଗିର୍ ଆଉ ପାଟ୍‌ନାଗଡ୍ର ପାଟଣେଶ୍ୱରୀ, ସୋନ୍‌ପୁର୍‌ର ସୁରେଶ୍ୱରୀ ପୀଠ ନ ପହେଲା ନବାନ୍ନ ଭୋଗ ଲାଗି ହେବାର୍ ଉତ୍‌ରୁ ତାହାକେ ସଭେ ଖାଏବାର୍ ପରମ୍ପରା ରହିଛେ । ଆକାଶ୍‌ବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତରଫୁ ସୁପ୍ରିତୀ ମିଶ୍ର ।*

ବର୍ଜ୍ୟବସ୍ତୁ ପରିଚାଳନା          ଆର୍‌ଏନ୍‌ୟୁ/ କଟକ୍

ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ କଠିଣ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ୍ - ୨୦୨୬ ଲାଗୁ କରିଛନ୍ । ନୂଆଁ ନିୟମ୍‌ଥି ଉପ୍‌ତି ସ୍ଥଲ୍ ନ ଜଗ୍‌ଡ଼ାକେ ୪ ପ୍ରକାରେ ଭାଗ୍ କର୍‌ବାର୍‌ଟାକେ ବାଧ୍ୟତାମୂଲକ୍ କରାଯାଇଛେ । ଖୁଲା ଜାଗା ନ ଜଗ୍‌ଡ଼ା ଫିଙ୍କ୍‌ବାର୍ କି ତାହାକେ ଜଲାବାର୍ ଲାଗି ପରିବେଶ୍ ପ୍ରଦୂଷଣ୍ ହେସି । ହେଥିର୍‌ଲାଗି ଏନ୍ତା କାମ୍ ନୁ ଦୂରେ ରହେବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ ଲୁକ୍‌କୁ ସଚେତନ୍ କରାଯାଉଛେ । ପ୍ଲାଷ୍ଟିକ୍ ଜଗ୍‌ଡ଼ା କମ୍ କର୍‌ବାର୍ ଲାଗି ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ କମାବାର୍ ସହେତେ ସଠିକ୍ ସଂଗ୍ରହ ଆଉ ପୁନଃ ଚକ୍ରଣ ଉପ୍‌ରେ ଜୋର୍ ଦିଆଯାଇଛେ । ନିୟମ୍ ଉଲ୍ଲଂଘନ୍ କ୍ଷେତ୍ରଥି ନୂଆଁ ନୀତି ଅନ୍‌ସାରେ କ୍ଷତିପୂରଣ୍ ଆଦାୟର ବ୍ୟବସ୍ଥା ରହିଛେ । ଜଗ୍‌ଡ଼ାକେ ଖାଲି ଆବର୍ଜନା ହିସାବେ ନାଇଁ ଦେଖିକରି ତାହାକେ ଫେର୍‌ଘାଏ ବେଭାର୍ ଆଉ ପୁନଃ ଚକ୍ରଣ ଜରିଏ ସମ୍ପଦ୍‌ଥି ବଦ୍‌ଲାବାର୍‌ଟା ହେଉଛେ ନୂଆଁ ନିୟମ୍‌ର ମୂଲ୍ ଲକ୍ଷ୍ୟ । ବର୍ଜ୍ୟବସ୍ତୁର ପୃଥକୀକରଣ୍ ଆଉ ଠିକ୍ ଭାବେ ନିଷ୍କାସନ୍ ଲାଗି ଗୁଟେ ସ୍ୱଚ୍ଛ, ସୁସ୍ଥ ଆଉ ସବୁଜ ଭାରତ୍ ଗଠନ୍ ସମ୍ଭବ୍ ହେଇପାର୍‌ବା ।

ପାଣିପାଗ ଏମ୍.ଇ.ଟି.

ଉତର୍ ପଶ୍ଚିମ ବଙ୍ଗୋସାଗର୍ ଆଉ ତାର୍ ପାଖର୍ ଇଲାକା ନ ସକ୍ରିୟ ଲଘୁଚାପ୍ କ୍ଷେତ୍ର ପଶ୍ଚିମ-ଉତର୍ ପଶ୍ଚିମ ଦିଗ୍ ଦେଇକରି ଉତର୍ ଉପକୂଳ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ଆଡ଼୍କେ ଯାଉଛେ । ଇତାର୍ ପ୍ରଭାବଥି ଆଏବା ୨୪ ଘଂଟା ଭିତ୍ରେ ବାଲେଶ୍ୱର୍, କେନ୍ଦୁଝର୍ ଆଉ ମୟୁର୍ଭଞ୍ଜ୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ୭ ଦିନ୍ତକ୍ ରାଜ୍ୟର୍ କେତେଟା ଜାଗା ନ ହାଲ୍କାନୁ ମଧମ୍ ଧରଣ୍ର ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୨ ତାରିଖ୍ ଆଡ଼େ ବଙ୍ଗୋପ୍ସାଗର୍ ନ ଆଉ ଗୁଟେ ଲଘୁଚାପ୍ ହେବାର୍ ସମ୍ଭାବନା ଅଛେ ବଲି ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।